# Akashvani, Sambalpur

## SAMBALPURI NEWS EVENING BULLETIN

**24 October 2025- 7.02 pm- 7.12 pm.**

*********************************************

୧- ୟୁଆନ୍ ବର୍ଗର୍ ସପନ୍ ସାକାର୍ କର୍‌ବାର୍ ଦିଗେ ରୋଜ୍‌ଗାର୍ ମେଳା ଗୁଟେ ବର୍‌କସ୍ ଜରିଆ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ୧୭ ନମ୍ବର୍ ରୋଜ୍‌ଗାର୍ ମେଳାଥି ବାଂଟ୍‌ଲେ ୫୧ ହଜାର୍‌ନୁ ଅଏତ୍‌କା ନିୟୁକ୍ତିପତ୍ର ।

୨- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଏଜ୍ ଥିଲା ନାମାଙ୍କନ୍ ପ୍ରତ୍ୟାହାର୍‌ର ଶେଷ୍ ଦିନ୍-୧୪ ଝନ୍‌କର୍ ପ୍ରାର୍ଥୀପତ୍ର କାଏମ୍ ।

୩- ପୋଲିଓ ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ପୋଲିଓ ଦିବସ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ଆଏବା ସୋମ୍‌ବାର୍ ଦିନ ବାତ୍ୟାଥି ବଦ୍‌ଲିବା ଅବପାତ ।

- ଆଏବା ୭ ଦିନ୍‌ତକ୍ ରାଏଜେ ଧୁକାଗର୍ଡ଼ି ସହେତେ ଲାଗି ରହେବା ଜବର୍ ବର୍ଷା ।

ରୋଜ୍‌ଗାର୍ ମେଳା-ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ଦେଶର୍ ଯୁଆନ୍ ବର୍ଗର୍ ସପନ୍ ସାକାର୍ କର୍‌ବାର୍ ଦିଗେ ନିଯୁକ୍ତି ମେଳା ଗୁଟେ ବର୍‌କସ୍ ଜରିଆ ପାଲ୍‌ଟିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ଠାନେ ହେଇଥିବା ୧୭ ନମ୍ବର୍ ରୋଜ୍‌ଗାର୍ ମେଳାକେ ସମ୍ବୋଧନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଗଲା କିଛି ବଛର୍ ଭିତ୍‌ରେ ୧୧ ଲାଖ୍ ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ୨୦୪୭ ବିକଶିତ୍ ଭାରତ୍ ସଂକଳ୍ପ ନେଇକରି ଗଲା ୧୧ ବଛର୍ ହେଲା ଭିନ୍ ଭିନ୍ କ୍ଷେତ୍ରଥି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନିଆଯାଇଛେ ଯେନ୍‌ଥି ଯୁଆନ୍ ପିଢ଼ିର୍ ବହୁତ୍‌ଟେ ଅବଦାନ୍ ରହିଛେ । ଯୁଆନ୍ ବର୍ଗକେ ବର୍‌କସ୍ କର୍‌ବାର୍ ଉପ୍‌ରେ ସର୍‌କାର୍ ଜୋର୍ ଦଉଛନ୍ । ବିକଶିତ୍ ଭାରତ୍ ସପନ୍ ପୁରା କରିକରି ଦେଶଣ୍ ସାଢ଼େ ୩ କୋଟି ଯୁଆନ୍ ପିଲା ଟୁକେଲ୍‌ଙ୍କୁ ନିଯୁକ୍ତି ଦେବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ଥି ନୂଆଁକରି ଚାକିରୀ ପାଇଥିବା ୫୧ ହଜାର୍‌ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍‌ଙ୍କୁ ନିଯୁକ୍ତିପତ୍ର ବାଂଟିଛନ୍ । ସାରା ଦେଶେ ୪୦ ଟା ଜାଗା ନ ରୋଜ୍‌ଗାର୍ ମେଳାର୍ ଆୟୋଜନ୍ କରାଯାଇଥିଲା ।

ଭୁବ୍‌ନେଶ୍ୱର୍ ରେଲ୍ ଅଡିଟୋରିୟମ୍ ଠାନେ ହେଇଥିବା ରୋଜ୍‌ଗାର୍ ମେଳାଥି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇକରି ନିଯୁକ୍ତି ପତ୍ର ବାଂଟିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇଟାର୍ ପ୍ରସାରଣ୍ କରାଯିବା ।

ସବ୍‌କି ଯୋଜ୍‌ନା - ସବ୍‌କି ବିକାଶ ଏନ୍‌ଏସ୍‌ଡି

'ସବ୍‌କି ଯୋଜ୍‌ନା - ସବ୍‌କି ବିକାଶ୍' ଆଧାରିତ୍ ୨ ମିନିଟ୍‌ର ଗୁଟେ ଜନସଚେତନତା ସିନ୍‌ମା ଆଏଜ୍‌ଠାନୁ ଦେଶର୍ ସବୁ ସିନ୍‌ମା ହଲ୍ ନ ପ୍ରଦର୍ଶନ୍ କରାଯାଉଛେ । ପଂଚାୟତିରାଜ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଆଏବା ମାସର୍ ୬ ତାରିଖ୍‌ତକ୍ ସିନ୍‌ମା ପ୍ରଦର୍ଶନ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନଭାଗିଦାରୀ ଆର୍ ସର୍‌କାରୀ ଯୋଜ୍‌ନାମାନ୍‌କର୍ ସମନ୍ୱୟ ଦୃଷ୍ଟିକୋଣ ଲକ୍ଷ୍ୟଥି ଇ ପଦକ୍ଷେପ୍ ନିଆଯାଇଛେ । ଆଏବା ଆର୍ଥିକ୍ ବଛର୍ ଲାଗି ପଂଚାୟତ୍ ବିକାଶ୍ ଯୋଜ୍‌ନା ପ୍ରସ୍ତୁତି ଦିଗେ ଇ ଜନସଚେତନତା ଅଭିଯାନ୍ ଲୁକ୍‌କୁ ତହଁକାବା ବଲି ମନ୍ତ୍ରଣାଳୟ ତର୍‌ଫୁ ଆଶା କରାଯାଉଛେ ।

ନୂଆପଡ଼ା ଉପନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଏଜ୍ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଥିଲା । ଖବର୍ ଲେଖା ହେବାର୍‌ତକ୍ କେନ୍‌ସି ଭିଲ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍

ନାଇଁ କରି । ମୋଟ୍ ୧୯ ଝନ୍ ପ୍ରାର୍ଥୀପତ୍ର ଦାଖଲ୍ କରିଥିଲା ବେଲେ ଯାଂଚ୍ ଉତ୍ରୁ ୧୪ ଝନ୍‌କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ ।

ସେଆଡ୍େ ନିର୍ବାଚନ୍‌କେ ନେଇକରି ପ୍ରାର୍ଥୀମାନ୍‌କର୍ ତର୍ଫୁ ପ୍ରଚାର୍ ଅଭିଯାନ୍ ଜୋର୍‌ଦାର୍ ହେଇଯାଇଛେ । ଭୋଟର୍ ମାନ୍‌କର୍ ବିଶ୍ୱାସ୍ ଜିତ୍‌ବାର୍ ଲାଗି ଜୋର୍‌ଦାର୍ ଚେରେଷ୍ଟା ଚଲେଇଛନ୍ । ଉପନିର୍ବାଚନ୍‌କେ ନେଇକରି ପ୍ରଶାସନ୍ ତର୍ଫୁ ଭିଲ୍ ତୟାରି ଜବର୍ ଚାଲିଛେ । ଜିଲ୍ଲା ସଦ୍‌ଭାବନା ସଭାଗୃହ ନ ଆଏଜ୍ ନିର୍ବାଚନ୍ ମାଇକ୍ରୋ ପର୍ଯ୍ୟବେକ୍ଷକ୍ ମାନ୍‌କର୍ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ନିର୍ବାଚନ୍‌କେ ନିର୍ଭୁଲ୍, ନିରପେକ୍ଷ ଆଉ ଅବାଧ କର୍‌ବାର୍ ଲାଗି ଦାୟିତ୍ୱଥି ଥିବାର୍ ଅଧିକାରୀମାନ୍‌କୁ ଇଥି ତାଲିମ୍ ଦିଆଯାଇଛେ ବଲି ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ମଧୁସୂଦନ୍ ଦାସ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ରାଜ୍ୟସ୍ତରୀୟ ରବି ଅଭିଯାନ୍ କନ୍‌ଫରେନ୍ସ ଏକ୍ସ

ରାଏଜେ ଦାଏଲ୍ ଆଉ ତେଲ୍‌ବିଜା ଚାଷ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍ଫୁ ଆଏଜ୍ ରାଜ୍ୟସ୍ତରୀୟ ରବି ଅଭିଯାନ୍ ସମ୍ମିଲନୀ ହେଇଯାଇଛେ । ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ହେଇଥିବା ସମ୍ମିଲନୀକେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍

ସିଂହଦେଓ ଇ ସମାରୋହକେ ଉଦ୍‌ଘାଟନ୍ କରିକରି କହିଛନ୍, ଆଲୁ ଆଉ ଦାଏଲ୍ ଉତ୍ପାଦନ୍‌ଥି ଓଡ଼ିଶା ଆତ୍ମନିର୍ଭର୍ ହେବା । ଆଲୁ ଚାଷ୍ ଲାଗି ୩ ଲାଖ୍ ମେଟ୍ରିକ୍ ଟନ୍ ବିହନ୍ ଚାଷୀମାନ୍‌କୁ ଯୁଗେଇ ଦିଆଯାଇଛେ । ରାଜ୍ୟର୍ ଭିନ ଭିନ୍ ଜାଗା ନ ଆଲୁ ମହଜୁଦ୍ ରଖିବାର୍ ଲାଗି ୧୩ ଟା ଶୀତଲ୍‌ଭଣ୍ଡାର୍ କାମ୍ ଭିଲ୍ ମୁଲ୍ ହେଇଛେ । ଆଲୁ ଲାଗି ଓଡ଼ିଶାକେ ଆଉ ଅଲ୍‌ଗା ରାଜ୍ୟ ଉପ୍‌ରେ ନିର୍ଭର୍ କର୍‌ବାର୍‌କେ ନାଇଁ ପଡ଼େ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ବଳଭଦ୍ର ଜୈବିକ ଚାଷ୍ ମିଶନ ହି.ସ.

ବଳଭଦ୍ର ଜୈବିକ ଚାଷ୍ ମିଶନ୍ ଜରିଏ ଉତ୍ପାଦନ୍ ହେଇଥିବା ଚାଉଲ୍‌ଥି ଆଏବା ଦିନେ ଶ୍ରୀକ୍ଷେତ୍ର ପୁରୀ ନ ରଥଯାତ୍ରା ଅବ୍‌ସରେ କୋଠଭୋଗ ତିଆରି କରାଯିବା ବଲି କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଆଉ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ । ସେ କହିଛନ୍, ଶ୍ରୀ ଅନ୍ନ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜୈବିକ୍ ଚାଷ୍ କରାଯାଉଛେ । କଟକ୍‌ର ନିଆଳି ଆଉ କୋରାପୁଟ୍ ନ ଜୈବିକ୍ ଧାନ୍ ଚାଷ୍ କରାଯାଉଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ବିଶ୍ୱ ପୋଲିଓ ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ଛୁଆମାନ୍କୁ ପୋଲିଓ ରୋଗ୍ନୁ ରକ୍ଷା କର୍ବାର୍ ଲାଗି ଟୀକାକରଣ୍ର ମହତ୍ୱ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଏଜ୍ ବିଶ୍ୱ ପୋଲିଓ ଦିବସ୍ ପାଲନ୍ କରାଯାଉଛେ । ପହେଲା ପୋଲିଓ ଟୀକା ବିକଶିତ୍ କରିଥିବା ବୈଜ୍ଞାନିକ୍ ଡାକ୍ତର୍ ଜୋନସ୍ ସକ୍ଙ୍କର୍ ଜନମ୍ ଦିନ୍କେ ସୁର୍ତା କରିକରି ରୋଟାରୀ ଇଂଟର୍ନେସ୍ନାଲ୍ ତର୍ଫୁ ଅକ୍ଟୋବର୍ ୨୪ ତାରିଖ୍ ଦିନ ବିଶ୍ୱ ପୋଲିଓ ଦିବସ୍ ପାଲନ୍ କରାଯାଉଛେ । ପୋଲିଓ ହେଉଛେ ଗୁଟେ ଭୂତାଣୁ ସଂକ୍ରାମକ ରୋଗ୍ । ୫ ବଛର୍ନୁ କମ୍ ବୟସର୍ ପିଲାମାନେ ଇଥି ବେଶି ସଂକ୍ରମିତ୍ ହେସନ୍ । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ ସବୁଠାନେ ଫିଁ’ ଛୁଆଙ୍କୁ ପୋଲିଓ ବୁନ୍ଦା ଖୁଏଇକରି ପୋଲିଓକେ ଶେଷ୍ କର୍ମା ।

ଇ ଅବ୍ସରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା କହିଛନ୍, ପୋଲିଓ ଦିବସ୍ ପାଲନ୍ କର୍ବାର୍ ସହେତେ ଆମେ ପୋଲିଓକେ ହରାବାର୍ ଦିଗେ ନେଇଥିବା ପଦକ୍ଷେପ୍କେ ସୋର୍ ପକାମା ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ପୋଲିଓ ନିରାକରଣ୍ ସହେତେ ପୋଲିଓ ରୋଗ୍‌ନୁ ସବୁ ଛୁଆକୁ ବଁଚାବାର୍ ଲାଗି ସଭେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପୋଲିଓ ମୁକ୍ତ ବିଶ୍ୱ ଗଠନ୍ ଦିଗେ ସମ୍‌କର୍ ସହଯୋଗ୍ କାମନା କରିଛନ୍ ।

ଅଧ୍ୟାପକ ନିଯୁକ୍ତି- ଉଚ୍ଚଶିକ୍ଷା ମନ୍ତ୍ରୀ ଏକ୍ସ

ରାଜ୍ୟର୍ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଖୋବ୍ ଜଲ୍‌ଦି ସ୍ଥାୟୀ ଅଧ୍ୟାପକ୍ ନିଯୁକ୍ତି ହେବେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ଲାଗି ପ୍ରକ୍ରିୟା ମୁଲ୍ ହେଇଯାଇଛେ । ଅବସର ନେଇଥିବା ଅଧ୍ୟାପକ୍‌ମାନ୍‌କୁ ଆଘୋନୁ ଅନୁଦାନ୍ ପାଇଥିବା କଲେଜ୍ ମାନ୍‌କେ ଶିକ୍ଷାଦାନ୍ ଲାଗି ନିଯୁକ୍ତି କରାଯିବା । ୪୮୮ ଆଉ ୬୬୨ ବର୍ଗର୍ ସର୍‌କାରୀ ଅନୁଦାନ୍ ପାଇଥିବା କଲେଜ୍ ମାନ୍‌କେ ଇ ଅଧ୍ୟାପକ୍ ମାନେ ଶିକ୍ଷାଦାନ୍ କର୍‌ବେ । ଇଚ୍ଛୁକ ଆଘର୍ ଅଧ୍ୟାପକ୍‌ମାନେ ଆଏବା ୩୧ ତାରିଖ୍‌ତକ୍ ଏଚ୍.ଆଇ.ଏମ୍.ଏସ୍. ପୋର୍ଟାଲ୍‌ଥି ଆବେଦନ୍ କରିପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ମାନବ ଚୋରାଚାଲାଣ୍ ନିରୋଧୀ ସମ୍ମିଳନୀ I&PR

ଭୁବ୍‌ନେଶ୍ୱର୍ ଠାନେ ଥିବା ରାଜ୍ୟ ପୁଲିସ୍ ଭବନ୍ ନ ମାନବ ଚୋରାଚାଲାଣ୍ ବାବଦ୍ ଗୁଟେ ରାଜ୍ୟସ୍ତରୀୟ ସମ୍ମିଲନୀ ହେଇଯାଇଛେ । ସମ୍ମିଲନୀକେ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଉଦ୍‌ଘାଟନ୍ କରିକରି ଏଛ୍‌ନିର୍ ସମାଜ୍‌ଥି ମାନବ୍ ଚାଲାଣ୍ ଖାଲି ଓଡ଼ିଶା ଲାଗି ନୁହେଁ ସାରା ଦେଶ୍ ଲାଗି ଚିନ୍ତାର୍ ବିଷେ ହେଇଛେ ବଲି କହିଛନ୍ । ଇତାକେ ରୁକ୍‌ବାର୍ ଲାଗି ପୁଲିସ୍ ସହେତେ ଭିନ୍ ଭିନ୍ ବିଭାଗ୍ ମିଶିକରି କାମ୍ କର୍‌ବାର୍‌କେ ପଡ୍‌ବା ବଲି ଶ୍ରୀ ଖୁରାନିଆ କହିଛନ୍ ।

ମଡ଼ିଆ ଦିବସ୍ ଏକ୍ସ

ନଭେମ୍ବର୍ ୧୦ ଆଉ ୧୧ ତାରିଖ୍ ଦୁଇଦିନ୍ ତକ୍ ଭୁବ୍‌ନେଶ୍ୱର୍ ନ ମଡ଼ିଆ ଦିବସ୍ ସମାରୋହ ଆୟୋଜନ୍ କରାଯାଉଛେ । ସମାରୋହଥି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ୍ ସିଂ ଯୋଗ୍ ଦେବେ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସୂଚ୍‌ନା ଦେଇଛନ୍ । ଇ ଅବ୍‌ସରେ ମଡ଼ିଆର୍

ପୁଷ୍ଟିକର ତତ୍ୱ, ତାର୍ ପ୍ରଚାର୍ ପ୍ରସାର୍ ଆଉ ବିକାଶ୍ ଦିଗେ ଆଲୋଚନା କରାଯିବା ବଲି ଜନାପଡ଼ିଛେ ।

କାର୍ଖାନା ସୁରକ୍ଷା କର୍ମଶାଳା I&PR

ଭୁବ୍‌ନେଶ୍ୱର୍ ରାଜ୍ୟ ଶ୍ରମ ପ୍ରତିଷ୍ଠାନ୍ ସମ୍ମିଳନୀ କକ୍ଷ ନ କାର୍ଖାନାମାନ୍‌କେ ସୁରକ୍ଷା ଆଉ ଗୁଣବତା ଆଧାରିତ୍ 'ରିଫ୍ରେସର୍ କୋର୍ସ ଇନ୍ ଫାଷ୍ଟଏଡ୍' ଶୀର୍ଷକ୍ ଗୁଟେ ରାଜ୍ୟସ୍ତରୀୟ ତାଲିମ୍ କର୍ମଶାଳା ହେଇଯାଇଛେ । କାର୍ଖାନା ଆଉ ବ୍ରଏଲର୍ ନିର୍ଦ୍ଦେଶାଳୟର୍ ସୁରକ୍ଷା ଉପନିର୍ଦ୍ଦେଶକ୍ ଡକ୍ଟର୍ ମଳୟ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି କାର୍ଖାନାମାନ୍‌କେ କର୍ମଚାରୀମାନ୍‌କର୍ ସ୍ୱାସ୍ଥ୍ୟ ଆଉ ସୁରକ୍ଷାକେ ଅଗ୍ରାଧିକାର୍ ଦେବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ଘରୋଇ ହିଂସା ନିରୋଧୀ-ତାଲିମ୍ କଲାହାଣ୍ଡି ସମ୍ବାଦଦାତା

ଘରୋଇ ହିଂସା ପ୍ରତିରୋଧ୍ ଆଉ ପିଡ଼ିତାଙ୍କର୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି କଲାହାଣ୍ଡି ଜିଲ୍ଲା ସମାଜ୍ କଲ୍ୟାଣ୍ କାର୍ଯ୍ୟାଳୟ ତର୍‌ଫୁ ଭବାନୀପାଟ୍‌ନା ନ

ଗୁଟେ ତାଲିମ୍ କର୍ମଶାଳା ହେଇଯାଇଛେ । ଶିବିର୍‌ଥି ଘରୋଇ ହିଂସା ନିବାରଣ୍ ଅଧିନିୟମ୍ -୨୦୦୫, ପିଡ଼ିତାଙ୍କର୍ ଲାଗି ଥିବା ସହାୟତା, ପରାମର୍ଶ ପ୍ରକ୍ରିୟା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର ନ ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍‌ଥି ବଦ୍‌ଲିଛେ । ଆଏବା ସୋମ୍‌ବାର୍ ଦିନ୍‌ତକ୍ ଇଟା ବାତ୍ୟା ରୂପ୍ ନେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍‌ବଲେ ରାଏଜେ ଆଏବା ୭ ଦିନ୍‌ତକ୍ ବର୍ଷା ଲାଗି ରହେବା । ୨୮ ଆଉ ୨୯ ତାରିଖ୍ ଜବର୍ ବର୍ଷା ସାଙ୍ଗେ ଝଡ଼ତୋଫାନ୍ ଭିଲ୍ ହେବା । ଘଂଟାକ ୬୦ ନୁ ୭୦ କିଲୋମିଟର୍ ବେଗଥି ପବନ୍ ବୁହିପାରେ ବଲି ପାଣିପାଗ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡକ୍ଟର୍ ମନୋରମା ମହାନ୍ତି କହିଛନ୍ ।...

(ଭଏସ୍ ଓଭର୍- ମନୋରମା ମହାନ୍ତି)